## ସେନା କର୍ମଚାରୀଙ୍କ ଘରୁ ଚୋରି

ବୈଶିଙ୍ଗା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ହାତୀପତୁକା ଗ୍ରାମରେ ଚୋରି ହୋଇଛି। ଭଗବାନ ବେଶ୍ରା ଭାରତୀୟ ସେନାବାହିନୀରେ ଉତ୍ତରପ୍ରଦେଶରେ କାର୍ଯ୍ୟରତ ଥିବା ବେଳେ ତାଙ୍କ ପରିବାର ଏଠାରେ ରୁହନ୍ତି। ବୁଧବାର ରାତିରେ ସମସ୍ତେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ନଗଦ ୧୦ହଜାର ଟଙ୍କା ଓ ଦୁଇଟି ମୋବାଇଲ ଚୋରି କରିନେଇଥିଲେ। ତାଙ୍କ ଶାଳକ ପିରୁ ସୋରେନ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୧୮୧/୨୩) ରୁଜୁ ହୋଇଛି।

# ସଂକ୍ଷେପରେ

## ଭୂୟାଁ ସାଂସ୍କୃତିକ ସଂଗଠନ ପକ୍ଷରୁ ଧରଣୀଧରଙ୍କ ଜୟନ୍ତୀ

ଚମ୍ପୁଆ,୫।୫(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଭୂୟାଁ ସାଂସ୍କୃତିକ ସଂଗଠନ ସୌଜନ୍ୟରେ ଚମ୍ପୁଆ ଟିଆର୍‌ସିସି ସଭା ଗୃହଠାରେ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ୧୫୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନ ସଭାପତି ବିଭୀଷଣ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଅଞ୍ଚଳର ବଡବିଲ୍ଲର ତଥା ମିଷ୍ଟର କର୍ଣ୍ଣାଟକ ସୁନାରାମ ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧକ୍ଷା ସୁମିତ୍ରା ବେହେରା, ପୂର୍ବତନ ସୈନିକ ସଂଘ ସଭାପତି ଚକ୍ରଧର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ରଘୁନାଥ ତିରାଇ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ କଳାକାର ମହାନ୍ତ ପରିଚାଳନା କରିଥିବା ବେଳେ ସୁକଦେବ ନାଏକ, ଅଶୋକ ନାଏକ, ଘାସିରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଗୋରୁ ଚାଲାଣ ବେଳେ ଧରିଲେ ଲୋକେ ଗାଡ଼ି ଭଙ୍ଗାରୁଜା କଲେ

ପଦ୍ମପୁର, ୫।୫ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ଭଣ୍ଡାରିଆ ଛକଠାରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଗାଡ଼ିଟି ୧୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ବୋଝେଇ କରି ବାସୁଦେବପୁରରୁ ଅନନ୍ତପୁର ଆଡ଼କୁ ଦ୍ରୁତଗତିରେ ଯାଉଥିବା ବେଳେ ବାଟରେ ବାଇକ୍ ଚାଳକଙ୍କୁ ସାଇଡ୍ ମାରିଥିଲା। ଫଳରେ ଲୋକେ ସନ୍ଦେହରେ ଗାଡ଼ିକୁ ପିଛା କରିଥିଲେ। ଉକ୍ତ ଛକରେ ରାସ୍ତା ଜାମ୍ ଥିବାରୁ ସେମାନେ ଗାଡ଼ିକୁ ଅଟକାଇଥିଲେ। ଗାଡ଼ିରେ ଗୋଟିଏ ଷଣ୍ଢ ମରିଯାଇଥିବା ବେଳେ ଅନ୍ୟ ୯ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଉତ୍ତ୍ୟକ୍ତ ଲୋକେ ଗାଡ଼ି ଭଙ୍ଗାରୁଜା କରିଥିଲେ। ଖବରପାଇ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଚାଳକ ଫେରାର ହୋଇଯାଇଥିବା ବେଳେ ଜଣେ ସହଯୋଗୀଙ୍କୁ ପୋଲିସ ଅଟକ ରଖିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର, ୫।୫(ଡି.ଏନ.ଏ.)-କଷାଫଳ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ବଂଶୀଧର ମହାନ୍ତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭୀମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ମଧୁସୂଦନ ମାଝି ସମ୍ମାନନୀୟ ଅତିଥି ଭାବେ ନିମାଇଁ ଲାଲ ବେହେରା, ପରିଚାଳନା କମିଟି ସଭାପତି ଗୌର ଗୋପାଳ ମଣ୍ଡଳ, ଉପସଭାପତି ପ୍ରତିମା ଜେନା ଯୋଗଦେଇ ବିଦାୟୀ ବଂଶୀଧର ଜଣେ କର୍ତ୍ତବ୍ୟନିଷ୍ଠ ଲୋକ ଥିଲେ ବୋଲି କହିଥିଲେ। ପରେ ଉପଢ଼ୌକନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ର ଅନିଶା ସାଇ ଜ୍ୟୋତି ପରିଡ଼ା, ଅନୁରାଗ ବାଗ ସ୍ୱାଭିମାନ ରାଉତଙ୍କୁ ଶ୍ରୀପତି କର ଛାତ୍ର ବୃତ୍ତି ସମ୍ମାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହିସାବରେ ନଗଦ ୨୦ହଜାର, ୧୦ହଜାର ଓ ୫ହଜାର ଟଙ୍କା ପୁରସ୍କାର ଦେବବ୍ରତ କର ପ୍ରଦାନ କରିଥିଲେ। ଦୁଇଜଣ ଶିକ୍ଷକ ଅଭୟ ପ୍ରସାଦ ଗିରି ଓ ସୌମ୍ୟରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିନି ମାଝି, ନିରଞ୍ଜନ ପାତ୍ର, ନିରଞ୍ଜନ ମାଝି, ଘନଶ୍ୟାମ ମାରେଣ୍ଡି, ନିର୍ମଳା ଜେନା, ସୀତାରାଣୀ ଦାସ, ମାନସୀ ମହାପାତ୍ର, ସୁଶାନ୍ତ କୁମାର ସାହୁ, ବିଶ୍ୱଜିତ ସିଂ, ପ୍ରଦୀପ କୁମାର କାଳହା, ଖଗେନ୍ଦ୍ର ପାତ୍ର ସଞ୍ଜୟ ମଣ୍ଡଳ, ଝୁନାରାଣୀ ମାଝି ଓ କହ୍ନେଇ ଚରଣ ଖଟୁଆ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ୨ ୱାର୍ଡ ଉପନିର୍ବାଚନ: ଯତୀନ୍ଦ୍ର, ବୀରେଶ ନିର୍ବାଚିତ

ଗୋପବନ୍ଧୁ ନଗର,୫।୫ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଦୁଇ ପଞ୍ଚାୟତର ୨ଟି ୱାର୍ଡରେ ଉପନିର୍ବାଚନ ଗତ ୨ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଭୋଟ୍ ଗଣତି ଥିଲା। ପଶୁଦା ପଞ୍ଚାୟତର ୯ ନମ୍ବର ୱାର୍ଡରୁ ଭାଜପା ସମର୍ଥିତ ପ୍ରାର୍ଥୀ ମନୋରଞ୍ଜନ ପୁଥାଳ ଓ ବିଜେଡି ସମର୍ଥିତ ଯତୀନ୍ଦ୍ର ପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉଭୟ ସମାନ ସଂଖ୍ୟକ ଭୋଟ୍ ପାଇଥିଲେ। ମୋଟ ୨୪୯ ଭୋଟିଂ ହୋଇଥିବା ବେଳେ ଉଭୟଙ୍କୁ ୧୨୩ ଖଣ୍ଡ ଲେଖାଏ ଭୋଟ୍ ମିଳିଥିଲା ଏବଂ ୩ଟି ନାକଚ ହୋଇଯାଇଥିଲା। ଶେଷରେ ନିର୍ବାଚନ ନିୟମ ଅନୁଯାୟୀ ଟସ୍ ଫଳାଫଳରେ ଯତୀନ୍ଦ୍ରଙ୍କ ସପକ୍ଷରେ ଯାଇଥିଲା। ସେହିପରି କୁଆମରା ପଞ୍ଚାୟତର ୫ ନଂ. ୱାର୍ଡରୁ ମୁକ୍ତେଶ୍ୱର ଗନ୍ତାୟତ ଓ ବିରେଶ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିରେଶ ବିଜୟଲାଭ କରିଛନ୍ତି।

# 'ଧରଣୀଧର ଜିଲାର ଗର୍ବ, ସ୍ୱାଭିମାନର ପ୍ରତୀକ'



ମାନପତ୍ର ପ୍ରଦାନ କରି ଜଣଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**କେନ୍ଦୁଝର,୫।୫(ଡି.ଏନ୍.ଏ/ସ୍ୱ.ପ୍ର.)**

### ବିପ୍ଳବୀ ଧରଣୀଧରଙ୍କ ଜିଲାସ୍ତରୀୟ ଜୟନ୍ତୀ

### ରାଇସୁଆଁ-କୁସୁମିତା ରାସ୍ତା ହେଲା 'ଧରଣୀଧର ମାର୍ଗ'

କେନ୍ଦୁଝର ଜିଲାର ମହାନ୍ ବିପ୍ଳବୀ ଧରଣୀଧର ନାୟକଙ୍କ ୧୫୯ତମ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଶୁକ୍ରବାର ଜିଲା ପ୍ରଶାସନ, ଭୂୟାଁ ସାଂସ୍କୃତିକ ସଂଗଠନ ଏବଂ କୁସୁମିତା ଧରଣୀଧର ଆଞ୍ଚଳିକ ବିକାଶ ପରିଷଦ ସହଯୋଗରେ ପାଳିତ ହୋଇଯାଇଛି। ଏହି ଅବସରରେ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥାନ କୁସୁମିତା ଗ୍ରାମ (ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଉପର କୁସୁମିତା)ଠାରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ବିପ୍ଳବୀ ଧରଣୀଧର ଜିଲା ବାହାରେ କେନ୍ଦୁଝରର ଗର୍ବ ଓ ଗୌରବ, ସ୍ୱର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଏତଦ୍‌ବ୍ୟତୀତ କୁସୁମିତା ଗ୍ରାମର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାଏକ, କେନ୍ଦୁଝର ଏମ୍‌ପି ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ ଯୋଗଦେଇଥିଲେ। ଡିଏମ୍‌ଏଫ୍ ସହଯୋଗରେ ରାଇସୁଆଁଠାରୁ କୁସୁମିତା ପର୍ଯ୍ୟନ୍ତ ପାହାଡ଼ କାଟି ସୁନ୍ଦର ରାସ୍ତାର ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାକୁ 'ବିପ୍ଳବୀ ଧରଣୀଧର ମାର୍ଗ' ଭାବରେ ନାମିତ କରାଯାଇଛି ବୋଲି ଜିଲାପାଳ କହିଥିଲେ। ଗ୍ରାମରେ ଏକ ପ୍ରମୋଦ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଚାଲିଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଭୂୟାଁ ସର୍ଦ୍ଦାର କୁଞ୍ଜ ଦେହୁରୀ, ଧରଣୀଧର ଆଞ୍ଚଳିକ ବିକାଶ ସମିତିର ସଭାପତି ନିଶାକର ନାଏକ ଏବଂ ବିପ୍ଳବୀ ଧରଣୀଧରଙ୍କ ଦାୟାଦ ଭୂୟାଁ ସର୍ଦ୍ଦାର କଳାକାର ନାଏକ ମଞ୍ଚାସୀନ ଥିଲେ। ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୁଶକଳା ଗ୍ରାମର ଅନ୍ଧାରୁ ପ୍ରଧାନଙ୍କୁ ମରଣୋତ୍ତର ଭାବେ 'ଧରଣୀଧର ସମ୍ମାନ' ପ୍ରଦାନ କରାଯାଇଥିଲା। ତାଙ୍କ ସ୍ତ୍ରୀ ଅପର୍ଣ୍ଣା ନାଏକ ସମ୍ମାନ ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନ, ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଡିପିଏମ୍ ମିଶନ ଶକ୍ତି ଶିଶିର ଷଡ଼ଙ୍ଗୀ, ଭୂୟାଁ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଏବଂ ଧରଣୀଧର ଆଞ୍ଚଳିକ ବିକାଶ ପରିଷଦ, କୁସୁମିତାର କର୍ମକର୍ତ୍ତା ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସମାରୋହର ସଞ୍ଚାଳନା କରିଥିଲେ। ପିଏ, ଆଇଟିଡିଏ ତପନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜୟନ୍ତୀ ପାଳିତ

ସେହିପରି ଜିଲାର ସଦ୍ୟ ଘୋଷିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ମହାନ୍ ବିପ୍ଳବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ଧରଣୀଧର ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ନରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ କବି, ଅଧ୍ୟାପକ ସୁଧା ଦାଶ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କ ବିଦ୍ରୋହ ଓ ଆଧ୍ୟାତ୍ମିକ ଜୀବନ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ବିଦ୍ୟାଳୟର ଶତାଧିକ କର୍ମଚାରୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଡା. ସୁମନ୍ତ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

ସେହିପରି ସ୍ଥାନୀୟ ଧରଣୀଧର ଭେଷଜ ମହାବିଦ୍ୟାଳୟରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡା. ଚିନ୍ମୟୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ମହେନ୍ଦ୍ର ନାୟକ ପୌରହିତ୍ୟରେ ଡା. ସୁମିତା ତ୍ରିପାଠୀ ଧରଣୀଧରଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଫେସର ଡା. ସୁରେନ୍ଦ୍ର ନାଥ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତ ରଞ୍ଜନ ଦାସ, ଅଶ୍ୱିନୀ ମହାନ୍ତ, ପ୍ରିୟଙ୍କା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



ଭେଷଜ ବିଦ୍ୟାଳୟ ପରିସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିମାନେ।

## ବିଶ୍ୱାସ ଜନ୍ମାଇ ଲୁଟି ନେଲେ ଟଙ୍କା

**ବାହାନଗା, ୫।୫(ଡି.ଏନ.ଏ.)**

ପ୍ରଥମେ ପଡୋଶୀ ହିସାବରେ ବିଶ୍ୱାସ ଜନ୍ମାଇ ସମ୍ପର୍କ ସ୍ଥାପନ କଲେ, ତା' ପରେ ଆକାଉଣ୍ଟରୁ ଟଙ୍କା ହଡ଼ପ କରିନେଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ କହଁରାଗୋହିରୀ ଗ୍ରାମରେ। ଠକେଇର ଶିକାର ହୋଇଛନ୍ତି ଗଣେଶ ଶ। ସେ ଏନେଇ ଗୁରୁବାର ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗଣେଶ ଜନ୍ମରୁ ଦିବ୍ୟାଙ୍ଗ। ତାଙ୍କ ଆର୍ଥିକ ଅବସ୍ଥା ଏତେ ସ୍ୱଚ୍ଛଳ ନ ଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ଏକ ଆବାସ ମିଳିଥିଲା। ମାତ୍ର ସେ ଘର କରିବାକୁ ଅକ୍ଷମ ଥିଲେ। ତାଙ୍କ ପଡୋଶୀ ଭାବେ ରହୁଥିବା ହରିଶ୍ଚନ୍ଦ୍ର ମହାରଣା ଘର କରିଦେବାକୁ କହି ଗଣେଶଙ୍କ ଆଧାର, ବ୍ୟାଙ୍କ ଏଟିଏମ୍ ଓ ଜବକାର୍ଡ ଆଦି ସମସ୍ତ କାଗଜପତ୍ର ନେଇଯାଇଥିଲେ। ଏପରିକି ଗଣେଶଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ମୋବାଇଲ ନମ୍ବରକୁ ପରିବର୍ତ୍ତନ କରିଦେଇ ନିଜ ମୋବାଇଲ ନମ୍ବରକୁ ଯୋଗ କରିଦେଇଥିଲେ। ପରେ ସରଳତାର ସୁଯୋଗ ନେଇ ପ୍ରଥମ କିସ୍ତିରେ ଆସିଥିବା ୨୦ହଜାର ଟଙ୍କାକୁ ନିମ୍ନମାନର କାମ କରି ଗ୍ରେଡ ବିମ୍ ପକାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତିରେ ଆଉ ୩୦ହଜାର ଆସିଥିଲା। ତାକୁ ବି ଉଠାଇ ନେଇ କୌଣସି କାର୍ଯ୍ୟ କରି ନ ଥିଲେ। ଗଣେଶ ପର ମୁହୂର୍ତ୍ତରେ ପଣପଣା ପଞ୍ଚାୟତରେ ଲିଖିତ ଅଭିଯୋଗ କରିଥିଲେ। ସେଠି ମଧ୍ୟ ମୀମାଂଶା ପତ୍ରରେ ୧୫ ଦିନ ଭିତରେ ଭଦ୍ରଲୋକଙ୍କ ଉପସ୍ଥିତିରେ ବାକି ଥିବା କାମ କରିବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ କାମ କରୁ ନ ଥିବାରୁ ଗଣେଶ ହତୋତ୍ସାହିତ ହୋଇ ଥାନା ଦ୍ୱାରସ୍ଥ ହୋଇଛନ୍ତି।

# 'ଯୁବପିଢି ହିଁ ସୁସ୍ଥ ସମାଜ ଗଠନ କରିପାରିବେ'



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଧାୟକ ସୁକାନ୍ତ ନାୟକ ଓ ଅନ୍ୟମାନେ।

**ନୀଳଗିରି, ୫।୫(ସ୍ୱ.ପ୍ର.)**

### ଉଦ୍‌ଘାଟନ ହେଲା ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ

ନୀଳଗିରିରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣଚୂଡ ଯୁବ ମହୋତ୍ସବ କେସି ହାଇସ୍କୁଲ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଲୋକସଭା ଏମ୍‌ପି ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଯୁବପିଢି ହିଁ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ୨ନଂ.ଜିଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ କୁମାର ଦାସ ଉପସ୍ଥିତ ରହି ମହୋତ୍ସବର ଆଭିମୁଖ୍ୟ ସମ୍ପର୍କରେ ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଣ୍ଣଚୂଡ ଯୁବ ମହୋତ୍ସବ ମୁଖ୍ୟ ଉଦ୍ୟୋକ୍ତା ଶରତ ଦାସ, ଉଦୟଜ୍ୟୋତି ମହାନ୍ତି, ବିଜୟ ଲେଙ୍କା, ଦୀପକ ରଞ୍ଜନ ଦାସ, କମଳାକାନ୍ତ ମୁଖି, ପ୍ରୀତିଶଙ୍କର ମହାପାତ୍ର, ବିଦ୍ୟାଧର ଖଟୁଆ, ତାପସ ମହାନ୍ତି, ରାଧାଗୋବିନ୍ଦ ଖଟୁଆ, ବୁଦ୍ଧଦେବ ସରକାର ପ୍ରମୁଖ ମଞ୍ଚାସୀନ ଥିଲେ। ଆବାହକ ସବ୍ୟସାଚୀ ମହାପାତ୍ର ପ୍ରଥମ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲା ବେଳେ ଡ. ଅକ୍ଷୟ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

## ଚିଙ୍ଗୁଡ଼ିଘେରିରେ ପଡ଼ି ନାବାଳକ ମୃତ

**ଭଦ୍ରକ ଅଫିସ, ୫।୫**

ଭଦ୍ରକ ଜିଲା ଧାମରା ମେରାଇନ ଥାନା ଅଧୀନ ଗୁଆଁଳ ଗ୍ରାମରେ ଏକ ଚିଙ୍ଗୁଡ଼ିଘେରିରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦିଗମ୍ବର ବାରିକଙ୍କ ସାନପୁଅ ରୁଦ୍ର। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ପରିବାର ଲୋକେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଅପରାହ୍ନ ୫ଟାରେ ଘର ନିକଟସ୍ଥ ଉକ୍ତ ଚିଙ୍ଗୁଡ଼ିଘେରିରେ ସେ ଭାସୁଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଧାମରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶୁକ୍ରବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବନ୍ଦ ହେଲା ବସ୍ ଚଳାଚଳ

### ଶୋଚନୀୟ ବିଶ୍ରାମପୁର-ଦାରିହା ପ୍ରଧାନମନ୍ତ୍ରୀ ସଡ଼କ

**ବୈଶିଙ୍ଗା,୫।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅଧୀନ ୧୮ନଂ. ଜାତୀୟ ରାଜପଥର ବିଶ୍ରାମପୁରଠାରୁ ବୈଶିଙ୍ଗା-ବଡ଼ସାହି ରାସ୍ତାର ଦାରିହା ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଧାନମନ୍ତ୍ରୀ ସଡ଼କ ଶୋଚନୀୟ ହୋଇପଡ଼ିଛି। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୪୨ ଲକ୍ଷ ୨୭ ହଜାର ୬୬୫ ଟଙ୍କା ବ୍ୟୟରେ ୨୦୧୮ରେ ଏହି ସଡ଼କ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ନିର୍ମାଣର ୨ବର୍ଷ ପରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ରାସ୍ତା ମଝିରେ ଆଣ୍ଠୁଏ ଲେଖାଏ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟିବା ସହ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୂରବସ୍ଥା ପାଇଁ ପରମିଟ୍ ପାଇଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକ ଏହି ରାସ୍ତାରେ ଚଳାଚଳ କରିବା ବନ୍ଦ କରି ସାରିଲେଣି। ଫଳରେ ଏହି ରାସ୍ତା ପାର୍ଶ୍ୱ ଗ୍ରାମ ବିଶ୍ରାମପୁର, ନଡ଼ପୁର, ନୂଆଗାଁ, ଖୁଣ୍ଟା, ଶିଳପୁରିଆ ଆଦି ଗ୍ରାମର ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି।



ଶୋଚନୀୟ ହୋଇପଡ଼ିଥିବା ପ୍ରଧାନମନ୍ତ୍ରୀ ସଡ଼କ।

ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଉପଖଣ୍ଡ ଅଧିକାରୀ ଏବଂ ଜିଲାପାଳଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ପ୍ରତିକାର ହେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତାଟିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାନ୍ତାଳୀ ସମାଜ ପାଇଁ ପଣ୍ଡିତ ରଘୁନାଥଙ୍କ ଅବଦାନ ଅନନ୍ୟ

**ନୀଳଗିରି, ୫।୫(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବୈଷ୍ଣବବନ୍ଧଠାରେ ବୈଶାଖ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ସାନ୍ତାଳୀ ଭାଷା, ଲିପିର ସ୍ରଷ୍ଟା ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ତମ ଜୟନ୍ତୀ ପାଳିତ ହୋଇଛି। ବିଭିନ୍ନ ପଞ୍ଚାୟତର ସାନ୍ତାଳୀ ଭାଷାଭାଷୀଙ୍କୁ ନେଇ ମାରାଂ ବୁରୁ ଯୁଆନ କ୍ଲବ ଏବଂ ଜେକେଏସି ବୈଷ୍ଣବବନ୍ଧ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଶୁକ୍ରବାର ପୂର୍ବାହ୍ନରେ ରିଜର୍ଭବ୍ୟାଙ୍କର ପୂର୍ବତନ ମହାପ୍ରବନ୍ଧକ ମଦନମୋହନ ମାଝିଙ୍କ ଆବାହକତ୍ୱ ଏବଂ ପୂର୍ବତନ ଜେଲ ଡିଆଇଜି ରଘୁନାଥ ମାଝୀଙ୍କ ପୌରୋହିତ୍ୟରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଅବସରପ୍ରାପ୍ତ ଓଆଇସି ଲମ୍ବୋଦର ମାଝି ଅଂଶଗ୍ରହଣ କରିଥିଲେ। ପ୍ରଥମେ ଆଦିବାସୀଙ୍କ ଆରାଧ୍ୟ ମାରାଂବୁରୁଠାରେ ପୂଜାର୍ଚ୍ଚନା ପରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଲଚିକ ବିଭାଗର ଗୋବିନ୍ଦ ଚନ୍ଦ୍ର ସରେନ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅଲଚିକ ଲିପି ସମଗ୍ର ମାନବ ଜାତି ତଥା ସାନ୍ତାଳୀ ସମାଜ ପାଇଁ ଅନନ୍ୟ ଅବଦାନ, ଯେଉଁ ଲିପିକୁ ସମ୍ବିଧାନରେ ମାନ୍ୟତା ମିଳିଛି। ଅନ୍ୟ ଅତିଥିଙ୍କ ମଧ୍ୟରେ ଲକ୍ଷ୍ମୀଧର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ।



ଜୟନ୍ତୀ ଉତ୍ସବରେ ଅତିଥିଗଣ।

# ସୌନ୍ଦର୍ଯ୍ୟ ହରାଉଛି ଜଗୁସାଗର

- ଜବରଦଖଲ ସାଙ୍ଗକୁ ଦଳ ଭର୍ତ୍ତି
- ଅଳିଆ ଆବର୍ଜନାରେ ପୋତି ହେଉଛି

**ଧାମନଗର,୫।୫ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବଜାରର ମଧ୍ୟଭାଗରେ ରହିଛି ବହୁ ପୁରାତନ ତଥା ଐତିହାସିକ ଜଗୁସାଗର ପୋଖରୀ। ଏହି ପୋଖରୀର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରେ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହି ଆସିଛି। ସରକାର ଜଳାଶୟ ଖୋଳିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୁରାତନ ତଥା ରାଜାରାଜୁଡ଼ା ଅମଳର ଜଳାଶୟ ପୋତି ହେବା ସହ ଜବରଦଖଲରେ ରହିଥିଲେ ହେଁ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଗ୍ରୀଷ୍ମ ପ୍ରବାହ ସମୟରେ ଗାଈ ଗୋରୁ ପାଣି ମୁନ୍ଦେ ପିଇବା ପାଇଁ ପାଉ ନ ଥିବାବେଳେ ପୁରାତନ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆ ନ ଯିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ପୋଖରୀ ଓ ଏହା ଚତୁଃପାର୍ଶ୍ୱରେ ହୁଡ଼ା ପ୍ରାୟ ୧୨ ଏକର ରହିଥିବା ବେଳେ ହୁଡ଼ାକୁ କେତେଜଣ ମୁଷ୍ଟିମେୟ ଲୋକ ଜବରଦଖଲ କରି ନିଜ ଅକ୍ତିଆରରେ ରଖିଛନ୍ତି। ଏପରିକି ବଜାର ଦୋକାନୀ ଅଳିଆ ମଧ୍ୟ ଏହି ପୋଖରୀରେ ପକାଇବାରୁ କ୍ରମଶଃ ପୋତି ହୋଇଯାଉଛି।



ଜଗୁସାଗର ପୋଖରୀ।

ମତ୍ସ୍ୟ ବିଭାଗ ପକ୍ଷରୁ ପୋଖରୀର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏବେ ପୋଖରୀରେ ଅନାବନା ଗଛ ଓ ଦଳ ଭର୍ତ୍ତି ହୋଇ ପଡ଼ିଆ ଭଳି ସମତଳ ଦୃଶ୍ୟମାନ ହେଉଛି। ପୋଖରୀଟି ପ୍ରଦୂଷିତ ହେବା ସହ ଐତିହ୍ୟ ଓ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି।

ପ୍ରକାଶ ଯେ, ଏହି ପୋଖରୀର ଉନ୍ନତୀକରଣ ନେଇ ୨୦୧୮ରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉଦ୍ୟମ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ଚିଠି ଲେଖିବା ସହ ଆଲୋଚନା କରିଥିଲେ। ପରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ନଗର ଉନ୍ନୟନ ବିଭାଗ ସହ ଆଲୋଚନା କରି ଖୁବ୍‌ଶୀଘ୍ର ପୋଖରୀର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯିବାର ପ୍ରସ୍ତାବ ରଖିଥିଲେ। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ଓ ବିଭାଗୀୟ ଅନୁମୋଦନ ପରେ ଏହା ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏମ୍‌ପି ଓ ଜିଲାପାଳଙ୍କ ହସ୍ତକ୍ଷେପ ଫଳରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ. ୫୦୪୬ ତା ୨୭।୩।୨୦୨୩ ଅନୁସାରେ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଉକ୍ତ ପୋଖରୀର ପୁନରୁଦ୍ଧାର ସକାଶେ ଆବଶ୍ୟକ ଅନୁମତି ପାଇଁ ଚିଠି ଲେଖିଥିଲେ। ଏମ୍‌ପି ମଣ୍ଡଳ ଏନେଇ ପତ୍ରସଂଖ୍ୟା ୧୪୪/ଏମ୍.ପି/୨୩, ତା ୨୬।୪।୨୦୨୦୨୩ ରିଖ ଅନୁଯାୟୀ ସବିଶେଷ ମତ ରଖି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସତନ୍ତ୍ର ସଚିବଙ୍କୁ ଜଗୁସାଗର ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଆବଶ୍ୟକ ଅନୁମତି ଲାଗି ପତ୍ର ଲେଖିଛନ୍ତି। ଅନୁମତି ପରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ପଡ଼ିରହିଥିବା ପର୍ଯ୍ୟାପ୍ତ ଅର୍ଥ ଏ ବାବଦରେ ଖର୍ଚ୍ଚ ହୋଇପାରିବା ସହ ବିଭାଗୀୟ ଅର୍ଥ ମଧ୍ୟ ଖର୍ଚ୍ଚ ହୋଇ ଜଗୁସାଗର ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଏମ୍‌ପି ମଣ୍ଡଳ କହିଛନ୍ତି।

## ସଂକ୍ଷେପରେ

### ଜିଲା ଘୋଷଣା ଲାଗି ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ

ଜଳେଶ୍ୱର, ୫।୫(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱରରକୁ ଜିଲା ଘୋଷଣା ଦାବି ହୋଇ ଆସୁଥିବା ବେଳେ ଶୁକ୍ରବାର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲାଗି ଜଳେଶ୍ୱରବାସୀ ନିବେଦନ କରିଛନ୍ତି। ରାଜ୍ୟର ଉପାନ୍ତ ଅଞ୍ଚଳରେ ଜଷ୍ଟିସ୍ ଏଟ୍ ଦି ଡୋର ନ୍ୟାୟରେ ଏବଂ ବହୁବିଧ ସମସ୍ୟା ପାଇଁ ଜଳେଶ୍ୱର ଜିଲାର ଆବଶ୍ୟକତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଲିଖିତଭାବେ ଜଣାଇ ନିବେଦନ କରାଯାଇଛି। ଜଳେଶ୍ୱରସ୍ଥିତ ସମାଜ କଲ୍ୟାଣ ବିକାଶ ପରିଷଦ ଦୀର୍ଘବର୍ଷ ଧରି ଜିଲା ଘୋଷଣା ଲାଗି ଦାବି କରି ଆସୁଥିବା ବେଳେ ନିକଟରେ ସର୍ବଦଳୀୟ ବୈଠକରେ ମଧ ଦାବି ଦୋହରାଯାଇଛି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ବେଳେ ସମାଜ କଲ୍ୟାଣ ବିକାଶ ପରିଷଦର ସମ୍ପାଦକ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା ବହୁ ଜଳେଶ୍ୱରବାସୀ ଜିଲା ଘୋଷଣାର ଯଥାର୍ଥତା ସମ୍ପର୍କରେ ଲିଖିତ ଭାବେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ

ରୂପ୍‌ସା, ୫।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ନୀଳବାଡ଼ି ଗ୍ରାମରେ ୩ଦିନ ବ୍ୟାପୀ ମା’ ଶୀତଳା ଦେବୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗଙ୍ଗାଧର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ଦାଶ, ବସନ୍ତ ପଣ୍ଡା, ରାଜେନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ପ୍ରଥମ ଦିନ ଗ୍ରାମର ମହିଳାପୁରୁଷମାନେ ଦେବୀଙ୍କ ଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ମଣ୍ଡପରେ ପହଞ୍ଚିଥିଲେ। ମଧମ ପୂଜାରେ ଦେବୀଙ୍କଠାରେ ମାଛ ଭୋଗ ଲାଗିଥିଲା। ବ୍ରତୀମାନେ ଭୋଗ ନୈବେଦ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରି ଆଶିଷ ଲଭିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନକୀର୍ତ୍ତନ, ଶୀତଳା ଗାଆଣ, ନୃତ୍ୟ ଓ ସାମାଜିକ ଯାତ୍ରା ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ପରେ ମାର୍ଜଣା ପୂର୍ବକ ଦେବୀଙ୍କୁ ମେଲାଣି ଦିଆଯାଇଥିଲା। ଗ୍ରାମବାସୀ ଶୋଭାଯାତ୍ରାରେ ଭସାଣୀ ଉତ୍ସବ କରି ସ୍ଥାନୀୟ ବିଦ୍ୟାଧର ପୋଖରୀରେ ଦେବାଦେବୀଙ୍କୁ ବିସର୍ଜନ କରିଥିଲେ। ଗ୍ରାମ୍ୟ କମିଟି ସଭ୍ୟ ପ୍ରଫୁଲ୍ଲ ଦାସ, ରଞ୍ଜନ ମହାନ୍ତି, ବିଜୟ ଜେନା, ଯୋଗେନ୍ଦ୍ର ଦାସ ଓ ପୂଜା କମିଟି ସେକ୍ରେଟାରୀ ମାନସ ଗିରି, ଜୟନ୍ତ ଦେ, ଚନ୍ଦନ ଦାସ, ରାନୁ ବାରିକ, ଶ୍ରୀମନ୍ତ ଦାସଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ନିୟମିତ ଦାବିରେ ଶିକ୍ଷକଙ୍କ ସ୍ମାରକପତ୍ର

କେନ୍ଦୁଝର,୫।୫(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ୭ ମାସ ପୂର୍ବରୁ ଉଚ୍ଛେଦ ନେଇ ଘୋଷଣା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳସ୍ୱରୂପ ନିୟମିତ ନିଯୁକ୍ତି ଦାବିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ବାରମ୍ବାର ଆନ୍ଦୋଳନ ଜାରି ରଖିଛନ୍ତି। ଏନେଇ ବୁଧବାର ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଜିଲା ସଭାପତି ସୁବ୍ରତ ଲେଙ୍କାଙ୍କ ନେତୃତ୍ୱରେ ହୃଦାନନ୍ଦ ବାରିକ, ଆଦିତ୍ୟ ମହାପାତ୍ର, ମନୋଜ ସେଠୀ, ଡମ୍ବରୁଧର ନାୟକ, ନମିତା ଦାସ ଓ ରିତା ମାଝୀ ପ୍ରମୁଖ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରତିବାଦରେ ଆସନ୍ତା ୬ରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ରାଜ୍ୟବ୍ୟାପୀ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମାବେଶ ହୋଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ।

# ସରିଲା ଲଗ୍ନଧରା, ୧୫ରେ ଜଉକଣ୍ଢେଇ ବାହାଘର

ବାଲେଶ୍ୱର ଅଫିସ, ୫।୫

ବାଲେଶ୍ୱରର ଲୋକ କଳା ଜଉକଣ୍ଢେଇ ବାହାଘର ଆସନ୍ତା ମେ’ ୧୪ରୁ ଆରମ୍ଭ ହୋଇ ୧୮ତାରିଖରେ ଶେଷ ହେବ। ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଏହି ଅବସରରେ ଏକ ମେଳା ୫ଦିନ ବ୍ୟାପି ଚାଲିବ। ସେଠାରେ ମୀନାବଜାର ସହିତ ବିଭିନ୍ନ ପ୍ରକାର ଷ୍ଟଲ ରହିବ। ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି। ଚଳିତବର୍ଷ ବରକନ୍ୟାଙ୍କ ନାମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟନାୟିକା ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ରଖାଯାଇଛି। ଓଡ଼ିଶାର ବିଭିନ୍ନ ଲୋକ ନୃତ୍ୟ ଦଳ ଉପସ୍ଥିତ ରହି ସେମାନଙ୍କର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ।

ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଚନ୍ଦନପୂର୍ଣ୍ଣମୀ ଅବସରରେ କନ୍ୟାଘର ପାତ୍ରପଡ଼ା ସୁନାରି ସାହି ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲଗ୍ନଧରା କାର୍ଯ୍ୟ ଯଥାବିଧି ସମ୍ପନ୍ନ ହୋଇଛି। ବରକର୍ତ୍ତା ଶମ୍ଭୁନାଥ ଦାସ ଓ ତାଙ୍କର ସହଧର୍ମିଣୀ ଅନାମିକା ଦାସ ବାଲେଶ୍ୱର ସିନେମାଛକ ନିକଟରେ ଥିବା ସିଦ୍ଧିବିନାୟକ ମନ୍ଦିରରୁ ପୂଜା ସାରି ମିଠାଭାର ଧରି ପଟୁଆରରେ ବାହାରିଥିଲେ କନ୍ୟାଘରକୁ। କନ୍ୟାଘର ଲୋକେ ବାବା ଭୂଜାଖିଆପୁର ଛକ ନିକଟରୁ ଶଙ୍ଖ ହୁଳହୁଳି ଦେଇ ସ୍ୱପ୍ନେଶ୍ୱର ମନ୍ଦରି ନିକଟକୁ ପାଛୋଟି ନେଇଥିଲେ। ସେଠାରେ ଯଥାବିଧି ମଙ୍ଗଳନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବାରିକ ସଂଘ ସମ୍ପାଦକ ବିମଳ ବାରିକ ଓ ବ୍ରାହ୍ମଣ ସଂଘର ସକ୍ରିୟ ସଦସ୍ୟ ତଥା କୁଳ ପୁରୋହିତ ବିମଳ ପଣ୍ଡା ସେମାନଙ୍କର କାର୍ଯ୍ୟ ସମ୍ପନ୍ନ କରିଥିଲେ। କନ୍ୟା ମାତାପିତା ଭାବରେ ୨୬ନଂ. ଜୋନ୍ ଜିଲାପରିଷଦ ସଭ୍ୟା ସୋନାଲି ବିଶ୍ୱାଳ ଓ ତାଙ୍କ ସ୍ୱାମୀ ସୁଶାନ୍ତ କୁମାର ବିଶ୍ୱାଳ କନ୍ୟାର ବିବାହ ଆସନ୍ତା



ଲଗ୍ନଧରା କାର୍ଯ୍ୟକ୍ରମ।

ମେ’ ୧୫ତାରିଖରେ କରିବାକୁ ସ୍ଥିର କରିଥିଲେ। ଏହି ଅବସରରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ସଭାପତି ସୁବାସିନୀ ଜେନା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ର, ଉପସଭାପତି ଅଞ୍ଜଳି ପଣ୍ଡା, ଯୁଗ୍ମ ସମ୍ପାଦକ ରଘୁନାଥ ଲେଙ୍କା ଓ ରାଜେଶ ଗିରି, ବ୍ରହ୍ମ ରଥ, ଉପଦେଷ୍ଟା କେଶୁ ଦାସ, ହୃଷିକେଶ ସାହୁ, ସଭ୍ୟ ଆଲୋକ ସାହୁ, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ପରେଶ ଦାଶ, ମଧୁସୂଦନ ଦାସ, ମନସ୍ୱିନୀ ଦେବୀ, ଗୋପାଳ ଜେନା, ଲକ୍ଷ୍ମୀ ଘୋଷ, ମନୋଜ ଦାସ, ରବିନ୍ଦ୍ର କୁମାର ସାହୁ, କନକଲତା ଦାସ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଥିଲେ।

# ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

ସୋର, ୫।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ୧୬ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ହାଇୱାକୁ ପଛରୁ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ୨ଜଣ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି।

କୋଲକାତାରୁ ଖୋର୍ଦ୍ଧା ଅଭିମୁଖେ କୁକୁଡ଼ା ଆଣିବାକୁ ଏକ ଟ୍ରକ (ନଂ. ଡବ୍ଲ୍ୟୁବି୨୧-୧୪୯୯) ଯାଉଥିବା ବେଳେ ସୋର କଲେଜ ଛକ ନିକଟରେ ଆଗରେ ଯାଉଥିବା ଏକ ହାଇୱା ହଠାତ୍ ବ୍ରେକ ମାରିବାରୁ ପଛରୁ ଟ୍ରକ ପିଟି ହୋଇଥିଲା। ଫଳରେ ଟ୍ରକରେ ଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ସୋର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀ ଏବଂ ହେଲପିଂ ହ୍ୟାଣ୍ଡସର ସଭାପତି ରହୀମତ ଅଲ୍ଲୀ ଆମ୍ବୁଲାନ୍ସ ସହ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ଟ୍ରକ୍‌ରୁ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର କୋଲକାତା ବସିରହାଟ ଅଞ୍ଚଳର ଆସରଫ ସର୍ଦ୍ଦାର (୩୮) ଏବଂ ସାଇଫୁଲ ଗାଜି (୩୫)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ବସିରହାଟ ଅଞ୍ଚଳର ସଇଫ ସର୍ଦ୍ଦାର (୩୨) ଏବଂ ଫରିଦକାଟି ଗ୍ରାମର ଆଲାମ ଗିରି (୩୬)ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସୋର ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରି ସୋର ଥାନାକୁ ଆଣିଥିବା ବେଳେ ମେଡ଼ିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଉଭୟଙ୍କ ଶବକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ‘ମହୋତ୍ସବ ଜୀବନ ବୁଝିବାକୁ ସୁଯୋଗ ଦିଏ’

ଭଣ୍ଡାରିପୋଖରୀ,୫।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ମହୋତ୍ସବ ଜୀବନ କ’ଣ ବୁଝିବାକୁ ସୁଯୋଗ ଦିଏ ବୋଲି କହିଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ପାଲଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ୍ ନିତ୍ୟାନନ୍ଦ ସଞ୍ଚାଳନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ବିଧାୟକ ସାମଲଙ୍କ ସମେତ ସମ୍ମାନିତ ଅତିଥି ଭାବେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ନିମନ୍ତ୍ରିତ ଅତିଥି ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୁମତି ସେଠୀ, ଉପାଧକ୍ଷ ପ୍ରଣୀତକାନ୍ତି ସାମଲ,



ଉତ୍ସବରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

**ନିର୍ଗୁଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ**

ମୁଖ୍ୟବକ୍ତା ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ ଓ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ୧୧୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଶତବାର୍ଷିକୀ ଉତ୍ସବ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ସରପଞ୍ଚ ଇଂ. ସତ୍ୟବ୍ରତ ପାଲ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଶରତ ଚନ୍ଦ୍ର କୁଣ୍ଡୁଙ୍କ ସମେତ ଆୟୋଜକ କମିଟି ସଦସ୍ୟ ଅବିନାଶ ପାଲ, ପ୍ରଶାନ୍ତ ଦାସ, ବଳରାମ ଦାସ, ବିରଞ୍ଚି ନାରାୟଣ ପାଲ, ସୌରଭ ଦାସ, ସନାତନ ଦାସ ପ୍ରମୁଖ ଉଦ୍‌ଘାଟନୀ ସମାରୋହକୁ ପରିଚାଳନା କରିଥିଲେ।

### ବିଇଓ, ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ତିହିଡ଼ି,୫।୫(ଡି.ଏନ.ଏ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ ପରିସରରେ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ଷେଣ୍ଠ ଏବଂ ଗଳଗଣ୍ଡପୁର ପ୍ରକଳ୍ପ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ମନୋରଞ୍ଜନ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସଭାରେ ବିଆର୍‌ସିସି ଦାମୋଦର ଜେନା ପୌରୋହିତ୍ୟ କରିଥିଲେ। ଏବିଇଓ ଗିରିଧାରୀ ଚାନ୍ଦଙ୍କ ସଞ୍ଚାଳନରେ ମୁଖ୍ୟଅତିଥି ଭାବେ ପୂର୍ବତନ ଡିଆଇ ଶମ୍ଭୁନାଥ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବ୍ଲକ ଭାରପ୍ରାପ୍ତ ବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ଅନ୍ୟତମ ଅତିଥି ଭଦ୍ରକ ବିଇଓ ଚକ୍ରଧର ମଲ୍ଲିକ, ହାଇସ୍କୁଲର ପ୍ରଧାନଶିକ୍ଷକ ସମରେନ୍ଦ୍ରନାଥ ମିଶ୍ର, ସହ ଶିକ୍ଷାଧିକାରୀ ରତ୍ନାକର ସାହୁ, ପୂର୍ବତନ ଏବିଇଓ ଉତ୍ତମ କୁମାର ବିଶ୍ୱାଳ, ଚିତ୍ତରଞ୍ଜନ ତ୍ରିପାଠୀ, ନିରଞ୍ଜନ କର ଓ ସନ୍ତୋଷ କୁମାର ରାଉତ ଯୋଗଦ୍‌ଦେଇ ଅବସରପ୍ରାପ୍ତ ବିଇଓ ଏବଂ ପ୍ରଧାନଶିକ୍ଷକ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱ ସମ୍ପନ୍ନ ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, କାର୍ଯ୍ୟକାରୀ ସମ୍ପାଦକ ଶ୍ରୀନାଥ ମଲିକ, ସିଆରସିସି ଦୀଲିପ ପଣ୍ଡା, ବଂଶୀଧର ଦାସ, ସାମାଜିକ କର୍ମୀ ସଚ୍ଚିକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଗୋଷ୍ଠୀ କାର୍ଯ୍ୟାଳୟର ମାନଗୋବିନ୍ଦ ଦାସ, ପ୍ରସନ୍ନ ଦାସ, ସୁଶାନ୍ତ ପୁହାଣ, ପୁରୁଷୋତ୍ତମ ମଲ୍ଲିକ, ପ୍ରିୟଙ୍କା ନାୟକ, ଅନୀଲ ଦାସ, ପଞ୍ଚାନନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗଙ୍କୁ ସହାୟତା

କେନ୍ଦୁଝର,୫।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କ ସମାଗ୍ରିକ ବିକାଶ ନିମନ୍ତେ ଗୁରୁବାର ଜିଲା ଖଣିଜ ପ୍ରତିଷ୍ଠାନ ସହଯୋଗରେ ଦୁଇ ଚକିଆ ଓ ତିନି ଚକିଆ ଯାନ ବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାନାମା ଅନୁଯାୟୀ ଜିଲାର ୯୮ ଜଣ ଶାରିରୀକ ଅକ୍ଷମ ବ୍ୟକ୍ତିଙ୍କୁ ୩ ଜଣିଆ ଯାନ ବଣ୍ଟନ କରାଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ଅଧ୍ୟକ୍ଷତା କରି ଡିଏମ୍‌ଏଫ୍ ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କ ପାଇଁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ପର୍ଯ୍ୟାୟକ୍ରମେ ଅନ୍ୟ ଶାରିରୀକ ଦିବ୍ୟାଙ୍ଗଙ୍କୁ ବିନା ମୂଲ୍ୟରେ ବଣ୍ଟନ ନିମନ୍ତେ ଯୋଜନା କରାଯାଇଥିବା ଜିଲାପାଳ ପ୍ରକାଶ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସ୍ୱାଗତଭାଷଣ ଦେଇଥିଲେ। ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ପୌରପାଳିକାର ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗବନ୍ଧୁ ମୋଦୀ ପରିଚାଳନା କରିଥିଲେ। ଡିଏମ୍‌ଏଫ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଜିଲାପାଳ ପ୍ରତ୍ୟେକ ହିତାଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ନିଜ ନିଜର ଗାଡ଼ିର ଚାବି ପ୍ରଦାନ କରିଥିଲେ। ଚାଳକମାନଙ୍କ ପ୍ରତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ଭିନ୍ନକ୍ଷମଙ୍କୁ ଜିଲାପାଳ ଗାଡ଼ି ଚାବି ପ୍ରଦାନ କରୁଛନ୍ତି।

# ଇସ୍ତଫା ଦେଲେ ବରଦାପାଳ ସରପଞ୍ଚ

କେନ୍ଦୁଝର,୫।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସଦର ବ୍ଲକ୍ ବରଦାପାଳ ସରପଞ୍ଚ ଗଣେଶ ଚନ୍ଦ୍ର ମୁଣ୍ଡା ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଇସ୍ତଫାପତ୍ର ସଦର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ପଞ୍ଚାୟତ ଅଧୀନରେ ଥିବା କୁସୁମିତାରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। କିନ୍ତୁ ତାଙ୍କୁ ଯୋଗ ଦେବାକୁ ଡକାଯାଇ ନ ଥିଲା। ଏପରିକି ଉଦ୍‌ବୋଧନ ବେଳେ ତାଙ୍କ ପଞ୍ଚାୟତର ନାମ ମଧ ଉଚ୍ଚାରଣ କରାଗଲା ନାହିଁ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। କାର୍ଯ୍ୟକ୍ରମ ଆୟୋଜନ ପାଇଁ କମ୍ପାନୀରୁ ତାଙ୍କ ଜରିଆରେ ଅର୍ଥ ଆଦାୟ କରାଯାଇଥିବା ବେଳେ ତାଙ୍କୁ ଡକା ନ ଯିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ସ୍ଥାନୀୟ ଜିଲାପରିଷଦର ସଭ୍ୟ ରଥ ମୁଣ୍ଡାଙ୍କୁ ମଧ ନିମନ୍ତ୍ରଣ କରାଯାଇନାହିଁ। ତେବେ ଏ ନେଇ ସେ କହିଛନ୍ତି, ସ୍ଥାନୀୟ ଲୋକମାନେ ତାଙ୍କୁ ଡାକିଥିଲେ କିନ୍ତୁ ନିମନ୍ତ୍ରଣ କରାଯାଇନାହିଁ। ସରପଞ୍ଚ ତାଙ୍କୁ କପି ଦେଇଛନ୍ତି। ଏ ନେଇ ପ୍ରଶାସନ ସହିତ କଥା ହେବା ପରେ କିଛି କହି ପାରିବେ ବୋଲି କହିଥିଲେ।

# ‘ଆଦର୍ଶ ଅନୁକରଣ ହିଁ ପ୍ରକୃତ ଶ୍ରଦ୍ଧାଞ୍ଜଳି’

ଖୁଣ୍ଟା,୫।୫(ଡି.ଏନ୍.ଏ.)

ବିପ୍ଳବୀ ଧରଣୀଧର ଭୂୟାଁଙ୍କ ନୀତି ଆଦର୍ଶକୁ ଯୁବପିଢ଼ି ଅନୁକରଣ କଲେ ଏହା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ପୁରୁଣାପାଣିଠାରେ ଆୟୋଜିତ ବିପ୍ଳବୀ ଧରଣୀଧରଙ୍କ ୧୫୯ତମ ଜନ୍ମ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଧରଣୀଧର ଭୂୟାଁ ସ୍ମୃତି କମିଟି ପକ୍ଷରୁ ଏହି ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଭୂୟାଁ ସାଂସ୍କୃତିକ ସଂଗଠନ ପକ୍ଷରୁ ସ୍ଥାନୀୟ ପୁରୁଣାପାଣି ଖେଳ ପଡ଼ିଆଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି କମିଟିର ସଭାପତି ଘନଶ୍ୟାମ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସମ୍ମାନୀତ ଅତିଥି ଏସ୍‌ଏସ୍‌ଡି ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାଏକ, ବଡ଼ସାହି ବ୍ଲକ ୨୩ନଂ.ଜୋନ ଜିଲା ପରିଷଦ ସଭ୍ୟା ସୁବାସିନୀ ନାଏକ ଯୋଗଦେଇଥିଲେ।

**ନାବାଳିକାଙ୍କୁ ଅସଦାଚରଣ ଭିଡିଓ ଭାଇରାଲ ଘଟଣା**

### ବାଳସୁଧାର ଗୃହ ଗଲେ ନାବାଳକ

ପଦ୍ମପୁର, ୫।୫ (ଡି.ଏନ.ଏ.): ଭଦ୍ରକ ଜିଲା ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରି ତାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ଘଟଣାରେ ଜଣେ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ଶୁକ୍ରବାର ଥାନାକୁ ଉଠାଇ ନେଇଛି। ତଦନ୍ତକାରୀ ଅଧିକାରୀ ବାସୁଦେବପୁର ଥାନାଧିକାରୀ ସାବିତ୍ରୀ ପଣ୍ଡା ଓ ନାୟକାଣିଡିହୀ ଏସ୍‌ଆଇ ମହେଶ୍ୱର ପ୍ରଧାନ ଅଭିଯୁକ୍ତ ନାବାଳକଙ୍କୁ ଥାନାକୁ ନେବା ପରେ ତାଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ନାବାଳିକା ଜଣକ ନାଚ ଶିଖିବା ପାଇଁ ଯାଉଥିବା ବେଳେ ରାସ୍ତାରେ ଦୁଇଜଣ ତାଙ୍କୁ ବାଇକ୍‌ରେ ଉଠାଇ ନେଇ ଏକ ଚିଙ୍ଗୁଡ଼ି ଫାର୍ମ ନିକଟରେ ଅସଦାଚରଣ କରିବା ସହ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେମାନେ ଉକ୍ତ ଭିଡିଓ ଭାଇରାଲ କରିବାରୁ ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୮୮/୨୩) ରୁଜୁ ହୋଇଥିଲା।

# ଚିତ୍ରଡ଼ା, କୁଆମରାରେ ଚନ୍ଦନ ଯାତ୍ରା

ମୋରଡ଼ା/ଗୋପବନ୍ଧୁ ନଗର,୫।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ଧର୍ମକ୍ଷେତ୍ର ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ଓ ତଳକଡଦାରେ ଶୁକ୍ରବାର ଚନ୍ଦନ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଚିତ୍ରଡାସ୍ଥିତ ମହାପ୍ରଭୁ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ନୌକାରେ ବସି ଚନ୍ଦନ ଚାପ ଖେଳିଥିଲେ। ମହାପ୍ରଭୁଙ୍କ ଜଳ କ୍ରୀଡ଼ା ଦେଖିବାକୁ ଶତାଧିକ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଭଜନ କୀର୍ତ୍ତନର ବ୍ୟବସ୍ଥା କରାଯାଇଥିଲା ସେବାୟତ ପ୍ରତାପ ମହାନ୍ତ, ଅମ୍ବୁଜ ମହାନ୍ତ,ମନୋଜ ମହାନ୍ତ, ଜୟପ୍ରକାଶ ରାଉଳ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଗୋପବନ୍ଧୁ ନଗର ବ୍ଲକ କୁଆମରା ଓ ତଳକଡ଼ଦା ଗ୍ରାମରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ମନ୍ଦିରରୁ ଠାକୁର ରାଧା କୃଷ୍ଣଙ୍କ ମେଢ ସହ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ପରମ୍ପରା ଅନୁଯାୟୀ ଠାକୁର ମନ୍ଦିର ପରିସରରେ ଥିବା ପୋଖରୀରେ ଚାପ ଖେଳିଥିଲେ। ଦୁଇ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରଙ୍ଗ ବେରଙ୍ଗର ଆଲୋକ ଓ ଆତସବାଜି ବ୍ୟବସ୍ଥା ସହ ଯାତ୍ରା ପରିବେଷଣ ହୋଇଥିଲା।

# ରାଜେନ୍ଦ୍ରପୁର-ଚୁଡ଼ାକୁଟି ରାସ୍ତା ଶୋଚନୀୟ

ବାରିକପୁର,୫।୫(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁରଠାରୁ ଧାମନଗର ବ୍ଲକର ଚୁଡ଼ାକୁଟି ଯାଏ ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରାୟ ୧୦ ଗ୍ରାମର ଲୋକ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପିଚୁ ବାହାରି ମେଟାଲ ଉଠିଯାଇଛି। ରାସ୍ତାର ଦୁରାବସ୍ଥା ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଆମ୍ବୁଲାନ୍ସ ଓ ଦମକଳ ପରି ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଗାଡ଼ି ପହଞ୍ଚିବାରେ ବିଳମ୍ବ ହେଉଛି। ଆଗକୁ ବର୍ଷାଦିନେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ। ଉକ୍ତ ରାସ୍ତାରେ ଥିବା



ରାଜେନ୍ଦ୍ରପୁର-ଚୁଡ଼ାକୁଟି ରାସ୍ତାରୁ ମେଟାଲ ଉଠିଯାଇଛି।

ଏକ ଭଙ୍ଗା ପୋଲର ନିମ୍ନମାନର ମରାମତି ରାସ୍ତା ଅବସ୍ଥାକୁ ଆହୁରି ଜଟିଳ କରୁଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ନିର୍ଗୁଣ୍ଡି ପଞ୍ଚାୟତର ସରପଞ୍ଚ ସତ୍ୟବ୍ରତ ପାଲ, ବରିଷ୍ଠ ନାଗରିକ ଅକ୍ଷୟ କୁମାର ମହାନ୍ତି, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ କହିଛନ୍ତି, ପୋଲଟି ଭାଙ୍ଗି ଯାଇଥିବାରୁ ମରାମତି ହୋଇଛି। ଯଥାଶୀଘ୍ର ଉକ୍ତ ରାସ୍ତା ମରାମତି କରାଯିବ। ତେବେ ମରାମତି କରା ନ ଯାଇ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ନାବାଳକଙ୍କୁ ଅପହରଣ ଉଦ୍ୟମ

କୋଡ଼ପଡ଼ା,୫।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଷଡ଼ଙ୍ଗୀ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଶୁକ୍ରବାର ନାବାଳକଙ୍କୁ ଅପହରଣ ଉଦ୍ୟମ ହୋଇଛି। ଭୋର ସମୟରେ ଏକ ବାଲି ବୋଝେଇ ହାଇୱା ଚାଳକ ଗାଡ଼ି ଅଟକାଇ ସେଠାରେ ଥିବା କିଛି ପିଲାଙ୍କୁ ଡାକିଥିଲେ। ଆନନ୍ଦପୁର ବି.ଏନ୍. ହାଇସ୍କୁର ଛାତ୍ର ରାଜା ହୋ (୧୫) ଯିବାପରେ ସେ ତାଙ୍କୁ ଗାଡ଼ିରେ ଉଠାଇ ନେଇଥିଲେ। ଉପସ୍ଥିତ ଅନ୍ୟପିଲା ରାଜାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ପକ୍ଷରୁ ଆନନ୍ଦପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗାଡ଼ିଟି ଠାକୁରମୁଣ୍ଡା ଆଡ଼କୁ ଯାଉଥିବା ସାତକୋଶିଆ ବନ ବିଭାଗ କାର୍ଯ୍ୟାଳୟ ନିକଟରେ ଲଗିଥିବା ସିସି କ୍ୟାମେରା ଫୁଟେଜରୁ ଜାଣି ପୋଲିସ ପିଛା କରିଥିଲା। ହାଇୱା ଡ୍ରାଇଭର ଛାତ୍ରଙ୍କୁ ଷଡ଼ଙ୍ଗୀ ଗ୍ରାମ ନିକଟରେ ଛାଡ଼ି ପଳାଇଥିଲା।

# ବ୍ୟବସାୟୀଙ୍କ କବ୍‌ଜାରେ ଫୁଟ୍‌ପାଥ୍

କେନ୍ଦୁଝର,୫।୫(ସ୍ୱ.ପ୍ର.)

**କେନ୍ଦୁଝର ମୁଖ୍ୟ ବଜାର**
**ବଢୁଛି ଟ୍ରାଫିକ୍ ସମସ୍ୟା**

କେନ୍ଦୁଝର ସହରରେ ଦିନକୁ ଦିନ ଗାଡ଼ିମୋଟର ସଂଖ୍ୟା ବଢୁଥିବାରୁ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ମୁଖ୍ୟ ରାସ୍ତା ପାର୍ଶ୍ୱ ଫୁଟ୍‌ପାଥ୍‌କୁ ଉଠାଦୋକାନୀ କବ୍‌ଜାକରି ବ୍ୟବସାୟ କରୁଥିବାରୁ ସମସ୍ୟା ଜଟିଳ ହେଉଛି। ପୋଲିସ ଉଚ୍ଛେଦକଲେ ମଧ କିଛିଦିନ ପରେ ପୁଣି ବସିଯାଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୌର ପ୍ରଶାସନ କର୍ଣ୍ଣପାତ କରୁନାହିଁ।

ପ୍ରକାଶ ଯେ, ମଣ୍ଡୁଆଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପରେ ମଝିରେ ଡିଭାଇଡର ଏବଂ ଉଭୟ ପାର୍ଶ୍ୱରେ ଡ୍ରେନ୍ ଉପରେ ଚାଲିଚାଲି ଯିବା ପାଇଁ ଫୁଟ୍‌ପାଥ୍ କରାଯାଇଥିଲା। ମାତ୍ର ରାସ୍ତା ପ୍ରଶସ୍ତୀକରଣ ପରେ ପୂର୍ବପରି ଦୋକାନୀମାନେ ଦୋକାନ ସମ୍ମୁଖରେ ବିକ୍ରି ପାଇଁ ସାମଗ୍ରୀ ରଖୁଛନ୍ତି। ଅନେକ ଦୋକାନୀ ନିଜ ସମ୍ମୁଖରେ ଥିବା ଫୁଟ୍‌ପାଥ୍‌କୁ ଭଡ଼ା ଦେଇଛନ୍ତି। ଠେଲାଦୋକାନୀଠାରୁ ଆରମ୍ଭକରି ପନିପରିବା, ଫଳ, ଖଲିପତ୍ର, ଜୋତା, ବାଦାମ, ବାରମଜା, ଜଳଖିଆ ଦୋକାନୀ ପାଦଚଲା ରାସ୍ତା ଉପରେ ଟ୍ରଲି ଛିଡ଼ାକରି ବ୍ୟବସାୟ କରୁଛନ୍ତି। ଫଳରେ ନିୟମିତ ଟ୍ରାଫିକ ସମସ୍ୟା ମଧ ଦେଖାଦେଉଛି। ବିଶେଷକରି ରବିବାର ଅଧିକ ଟ୍ରାଫିକ ଜାମ୍ ହେଉଥିଲେ ମଧ ଅସ୍ଥାୟୀ ଦୋକାନୀ ଅବାଧରେ ବସି ବ୍ୟବସାୟ କରୁଛନ୍ତି। କେତେଜଣ ସ୍ଥାୟୀ ଦୋକାନୀ ଛୋଟ ଉଠାଦୋକାନୀକୁ ବସାଇ ଭଡ଼ା ଅସୁଲ କରୁଛନ୍ତି। ଟାଉନ ପୋଲିସ ପାଟ୍ରୋଲିଂ ଗାଡ଼ି ଅନେକ ସମୟରେ ଫୁଟ୍‌ପାଥ୍ ଅବରୋଧକାରୀଙ୍କୁ ଉଠାଇଲେ ମଧ କିଛିଦିନ ପରେ ପୁଣି ସେହି ସ୍ଥାନରେ ବସି ବ୍ୟବସାୟ କରୁଛନ୍ତି। ପୌରପାଳିକା ପକ୍ଷରୁ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୋଲିସ ହାଇସ୍କୁଲ ପର୍ଯ୍ୟନ୍ତ ରାସ୍ତାର ଫୁଟ୍‌ପାଥ୍‌ରେ ପନିପରିବା ବିକ୍ରି ହେଉଥିବାରୁ ରାସ୍ତା ଜାମ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ନୂତନ ଭାବେ ଯୋଗଦେଇଥିବା ନିର୍ବାହୀ ଅଧିକାରୀ ଧିମନ ଚକମା ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୬ ମେ, ୨୦୨୩



**ବୃଦ୍ଧଙ୍କ ମୃତଦେହ ଜବତ**

ବେତନଟୀ,(ଡି.ଏନ୍.ଏ.): ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁସ୍ଥିତ କରଞ୍ଜିଆ ଜଙ୍ଗଲରୁ ଶୁକ୍ରବାର ଗଛରେ ଝୁଲୁଥିବା ଜଣେ ବୃଦ୍ଧଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ସତୀଶ ଦେଓ (୬୪)। ସେ ଗୁରୁବାର ରାତିରୁ ଘରକୁ ଫେରି ନ ଥିଲେ। ଶୁକ୍ରବାର ଗ୍ରାମବାସୀ କରଞ୍ଜିଆ ଜଙ୍ଗଲର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ୧୩ ପଞ୍ଚାୟତର ୨୦ ୱାର୍ଡରେ ଉପନିର୍ବାଚନ

ବେତନଟୀ,୫ା୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ୨୦ୱାର୍ଡରେ ଅନୁଷ୍ଠିତ ଉପ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା ହୋଇଛି। ୫ଟି ୱାର୍ଡର ୱାର୍ଡମେମ୍ବରମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲା ବେଳେ ୧୫ଟି ୱାର୍ଡରେ ଭୋଟ ଗ୍ରହଣ କରାଯାଇଥିଲା। ବେତନଟୀ ପଞ୍ଚାୟତ ୧୨ନଂ. ୱାର୍ଡରେ ପ୍ରଫୁଲ୍ଲ ମହାନ୍ତ, ୮ନଂ.ରେ ସୁମନ୍ତ ଦେହୁରୀ, ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତର ୯ନଂ.ୱାର୍ଡରେ ନିରଞ୍ଜନ ମହାନ୍ତ, ୩ନଂ.ୱାର୍ଡରେ ସୁଗୀ ମାଝୀ, ମୁକ୍ତାପୁର ପଞ୍ଚାୟତର ୮ ନଂ.ୱାର୍ଡରେ ସୁମନ୍ତ ଦେହୁରୀ, ୧୦ନଂ.ରେ ଗୋପି ସୋରେନ, ଆଗ୍ରିଆ ପଞ୍ଚାୟତର ୧୧ନଂ.ୱାର୍ଡରେ ମିନା ମହାନ୍ତି,ପାଟଳିପୁରା ପଞ୍ଚାୟତର ୧୩ ନଂ.ୱାର୍ଡରେ ହରିହର ବେହେରା, ସନ୍ତରା ପଞ୍ଚାୟତର ୧୪ ନଂ.ୱାର୍ଡରେ ହରିଶ ଚନ୍ଦ୍ର ସାହୁ, ହାତୀଝୁରୀ ପଞ୍ଚାୟତର ୨ନଂ.ୱାର୍ଡରେ ରଙ୍ଗା ଦେହୁରୀ ଓ ୩ନଂ.ରେ ଦେବେନ୍ଦ୍ର ଦେହୁରୀ, ଯୁଗଳ ପଞ୍ଚାୟତର ୨ନଂ.ୱାର୍ଡରେ ପ୍ରମିଳା ମହାପାତ୍ର, ୧୧ନଂ.ରେ ଅଜିତ ପାତ୍ର, ଆମ୍ୱଗଡିଆ ପଞ୍ଚାୟତର ୧ନଂ.ୱାର୍ଡରେ ରାଜେନ୍ଦ୍ର ସିଂ, ୧୧ନଂ.ୱାର୍ଡରେ ମନୋଜ କୁମାର ସାହୁ, ମେଦା ପଞ୍ଚାୟତର ୭ ନଂ.ୱାର୍ଡରେ ଚନ୍ଦ୍ର ମୋହନ ସିଂ, ୧୩ନଂ.ରେ ସୁଶାନ୍ତ ନାୟକ, ସଇତପୁର ପଞ୍ଚାୟତର ୪ ନଂ.ୱାର୍ଡରେ ସର୍ବେଶ୍ୱର ମହାନ୍ତ, ରଘୁପୁର ପଞ୍ଚାୟତର ୫ ନଂ.ୱାର୍ଡରେ ବିଜୁ ସିଂ ବିଜୟ ଲାଭ କରିଛନ୍ତି।

### ମୋଗଲ ତାମସା କଳାକାର ସରୋଜଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୫ା୫(ସ୍ୱ.ପ୍ର.)-ମୋଗଲ ତାମସାର ବରିଷ୍ଠ କଳାକାର ଦିବଂଗତ ସରୋଜ ମହାପାତ୍ରଙ୍କ ଏକାଦଶାହ ଅବସରରେ ଗରଦପୁରସ୍ଥିତ ବାସଭବନରେ ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରଦ୍ୟୋତନ ସୁଆରଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ପୌରୋହିତ୍ୟ କରିଥିଲେ ସଭାପତି ବିଜୟ ବହଳୀ। ଅତିଥି ଭାବେ ମୋଗଲ ତାମସାର ନିର୍ଦ୍ଦେଶକ ବାଦଲ ସିକଦାର, ଅନ୍ୟତମ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ, ଅଧିବକ୍ତା ମନୋରଞ୍ଜନ ମହାନ୍ତି, ମହେଶ୍ୱର ମହାପାତ୍ର, ବିଦ୍ୟାଧର ସାହୁ, ପୃଥ୍ୱୀରାଜ ମହାପାତ୍ର, ବୃନ୍ଦାବନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ମହାପାତ୍ରଙ୍କ କଳାକାର ଜୀବନର ବିବିଧ ଗୁଣାବଳୀ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ୫୮ ବର୍ଷରେ ସରୋଜଙ୍କ ବିୟୋଗ କଳାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଅନୁଷ୍ଠାନର ସଦସ୍ୟ ପିନାକ ପଣ୍ଡା, ସରୋଜ ସିଂ, ରଞ୍ଜନ ମହାନ୍ତି, ପୀତବାସ ବହଳୀ, ନିହାର ସିଂ, ଅଶୋକ ସାହୁ, ଜଗନ୍ନାଥ ମହାରାଜ, ଶିବୁନ ଅଗସ୍ତି, କମଳାକାନ୍ତ ଯେନା, ଅଶୋକ ଦାସ, ହରିହର ମହାନ୍ତି, ଅମୂଲ୍ୟ ପାଢ଼ୀ, ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ବାରିପଦା ଅଫିସ,୫ା୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୌରୋହିତ୍ୟ କରିବେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେବେ। ସମାବର୍ତ୍ତନ ଉତ୍ସବରେ ଖ୍ୟାତନାମା କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଭାରତର ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ସିନେ ତାରକା ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ, ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତ, ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶ, ସାନ୍ତାଳୀ ସାହିତ୍ୟିକ ଅର୍ଜୁନ ଚରଣ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନସୂଚକ ଡି.ଲିଟ୍ ଏବଂ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ପ୍ରଦାନ କରାଯିବ। ୯୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ଓ ୩୪ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ।

ରାଷ୍ଟ୍ରପତି ପୂର୍ବାହ୍ନ ୧୦ଟାରେ ବିଶ୍ୱବିଦ୍ୟାଳୟରେ ପହଞ୍ଚିବେ। ୧୦ଟା୫ରେ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ରାଷ୍ଟ୍ରପତିଙ୍କ ସହ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଓ ଏକାଡେମିକ କାଉନସିଲ ସଦସ୍ୟଗଣଙ୍କ ଚିତ୍ର ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ୧୦ଟା୧୫ରୁ ୧୧ଟା ପର୍ଯ୍ୟନ୍ତ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ୨୦୦ ସିଟ୍ ବିଶିଷ୍ଟ ସମ୍ମେଳନ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଏକ କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟ (ପିଭିଟିଜି)ର ଲୋକମାନଙ୍କ ସହ ଭାବବିନିମୟ କରିବେ। ୧୧ଟା୧୫ରେ ଏକାଡେମିକ୍ ଶୋଭାଯାତ୍ରାରେ ବାହାରି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ପହଞ୍ଚିବେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ତଥା ବିବରଣୀ ପାଠ କରିବେ। ରାଷ୍ଟ୍ରପତି ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍.ଡି. ଡିଗ୍ରୀଧାରୀମାନଙ୍କୁ ଡିଗ୍ରୀ ପ୍ରଦାନ ପୂର୍ବକ ଶପଥପାଠ କରାଇବେ। ୭ଜଣଙ୍କୁ ମଞ୍ଚରେ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସଙ୍ଗେ ସଙ୍ଗେ ୮ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୁଳପତି ପ୍ରଫେସର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, କୁଳସଚିବ ସହଦେବ ସମାଧିଆ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ସଦସ୍ୟମାନେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ପାଇକାସ୍ତାରେ ଚନ୍ଦନଯାତ୍ରା ଉଦ୍‌ଘାଟିତ



ଚନ୍ଦନ ଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ଅବସରରେ ବିଧାୟକ ପର୍ଶୁରାମ ଧଡ଼ା ଉଦ୍‌ବୋଧନ ଦେଉଛନ୍ତି।

ବାହାନଗା, ୫ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପାଇକାସ୍ତା ଗ୍ରାମର ଦେଉଳା ପୋଖରୀଠାରେ ଗୁରୁବାର ଚନ୍ଦନଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହାକୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ । ପ୍ରଥମେ ଚନ୍ଦନ ଯାତ୍ରା କମିଟି ପକ୍ଷରୁ ଠାକୁରଙ୍କୁ ଗ୍ରାମ ଓ ବଜାରରେ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ଠାକୁରଙ୍କ ଚାପଖେଳ, ଯଜ୍ଞ ଅନୁଷ୍ଠିତ ହେଉଛି । ପରେ ରାଜ୍ୟ ସରକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଭୁବନେଶ୍ୱରରୁ ଆସିଥିବା କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଧଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗ ଦେଇଥିଲେ। ୨୦ ନମ୍ବର ଜୋନର ଜୋନର ଜିଲା ପରିଷଦ ସଭ୍ୟ ଶିଶିର ଅଗସ୍ତି, ସୁମନ୍ତ ନାୟକ, ବିଦ୍ୟାଧର ପାଣିଗ୍ରାହୀ, ଚିତ୍ରଶିଳ୍ପୀ ଗଜେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚନ୍ଦନ ଯାତ୍ରା ବିଷୟରେ ବକ୍ତବ୍ୟ ଦେଇଥିଲେ। ଶେଷରେ ଯୋଗେଶ ଚନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଗ୍ରାମବାସୀଙ୍କ ସମେତ କମିଟିର ଗଜେନ୍ଦ୍ର ସାହୁ, ବିଦ୍ୟାଧର ପାଣିଗ୍ରାହୀ, ଗଣପତି, ବଳଭଦ୍ର, ଉମେଶ ବେହେରା ପ୍ରମୁଖ ସଦସ୍ୟମାନେ ପରିଚାଳନ କରିଥିଲେ।

## ଝାରସୁଗୁଡ଼ା ପ୍ରଚାର ମଇଦାନରେ ଯୁବନେତା ଶୁଭେନ୍ଦୁ

ବାଲେଶ୍ୱର ଅଫିସ,୫ା୫

ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଝାରସୁଗୁଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀପୁରା ପଞ୍ଚାୟତର ନିର୍ବାଚନ ପ୍ରଚାରର ମଙ୍ଗ ଧରିଛନ୍ତି। ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ଦିପାଲୀ ଦାସଙ୍କ ସହ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ସୁଫଳ ଯୋଜନାରେ ଲୋକମାନେ କିପରି ଭାବେ ଉପକୃତ ହେଉଛନ୍ତି ଏବଂ ବିଜେଡିର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ଉନ୍ନତି ସମ୍ପର୍କରେ ଭୋଟରଙ୍କୁ ବୁଝାଉ ଥିବା ଦେଖିବାକୁ ମିଳିଛି। ଏଥିସହିତ ପ୍ରାର୍ଥିନୀ କିପରି ଭାବେ ବିଜୟୀ ହେବେ ସେନେଇ ରାଜ୍ୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ସେହିଭଳି ବିଗତ ଦିନରେ ରାଜ୍ୟରେ ସମସ୍ତ ଉପନିର୍ବାଚନରେ ସେ ଦାୟିତ୍ୱ ନେଇ ବିଜୁ ଜନତା ଦଳ ପାଇଁ କାର୍ଯ୍ୟ କରିଛନ୍ତି।

## ତହସିଲଦାରଙ୍କୁ ଦୁର୍ବ୍ୟବହାର, ଥାନାରେ ମାମଲା

ଆନନ୍ଦପୁର,୫ା୫(ସ୍ୱ.ପ୍ର.)

ବେଆଇନ୍ ବାଲି ଚାଲାଣ ଉପରେ ଚଢ଼ାଉ ସମୟରେ କେନ୍ଦୁଝର ଜିଲା ଘସିପୁରା ତହସିଲଦାରଙ୍କୁ ବାଲିଚାଲାଣକାରୀ ଦୁର୍ବ୍ୟବହାର କରିଛନ୍ତି। ଏ ନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ତହସିଲଦାର ପତିତପାବନ ବେହେରା ଶୁକ୍ରବାର ଦରଡ଼ିପାଳ ଗାଁ ନିକଟରେ ଥିବା କୁଶେଇ ନଦୀରୁ ବେଆଇନ ବାଲି ଉତ୍ତୋଳନ ଖବର ପାଇ ଚଢ଼ାଉ କରିଥିଲେ। ଏହି ସମୟରେ ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ହାଇୱା ଗାଡ଼ିକୁ ଜବତ କରାଯାଇଥିଲା। ଟ୍ରାକ୍ଟର ମାଲିକ ଘଟଣାସ୍ଥଳରେ ପହଞ୍ଚି ତହସିଲଦାରଙ୍କ ସହିତ ଯୁକ୍ତିତର୍କ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ତହସିଲଦାର ବେହେରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘସିପୁରା ପୁଲିସ ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘସିପୁରା ଥାନା ଅଧିକାରୀ ବିକ୍ରମ ଭୁୟାଁ ସୂଚନା ଦେଇଛନ୍ତି।

## ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦାବି

### ଟ୍ରକ୍ ଚାପାରେ ମୃତ ଟ୍ରକ୍ ଚାଳକଙ୍କ ଶେଷକୃତ୍ୟ

ଭଦ୍ରକ ଅଫିସ, ୫ା୫-ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ଗ୍ରାମର ଟ୍ରକ୍ ଚାଳକ ଅଖିଳ ସେଠୀଙ୍କର ଗତ ବୁଧବାର ରାତିରେ କେନ୍ଦୁଝର ଟାଉନ ଥାନା ରାଙ୍କି ନିକଟସ୍ଥ ୨୦ ନଂ. ଜାତୀୟ ରାଜପଥରେ ଟ୍ରକ୍ ଚାପାରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ବ୍ୟବଚ୍ଛେଦ ହୋଇ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଡ୍ରାଇଭର ସଂଘର ମାୟାଧର ଘଡ଼େଇ, ସୁନନ୍ଦ ପେରେଇ, ପ୍ରଶାନ୍ତ ସାହୁ, ମେହେରବାକ୍ ଅଲ୍ଲି, ଜୀବନ ନାୟକ, ନିରାକାର ବେହେରା, ରାମଚନ୍ଦ୍ର ସେଠୀ, ଖଗେଶ୍ୱର ଜେନାଙ୍କ ସହ ଅଖିଳଙ୍କ ସହପାଠୀ କ୍ଷୀତିଶ ସାମନ୍ତ ବେହେରା, ପ୍ରଦୀପ ଦାସ, ଅକ୍ଷୟ ସେଠୀ, ପ୍ରତାପ ସେଠୀ, ମହେଶ୍ୱର ନାୟକ, ଜଗନ୍ନାଥ ଦାସ, ଜୟନ୍ତ ଦାସ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଡ୍ରାଇଭର ସଂଘ ପକ୍ଷରୁ ଶବ ସତ୍କାର ପାଇଁ ଅଖିଳଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଖିଳ ଗାଡ଼ି ଚଲାଇ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ବିଜୟ ଜେନା, ଡ୍ରାଇଭର ସଂଘ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ 'ପରିନ୍ଦେ'

**ଭଦ୍ରକ ଅଫିସ, ୫ା୫:** ଭଦ୍ରକ ଶହୀଦ ସ୍ମୃତି ଭବନରେ ଈଶା ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୯ମ ବାର୍ଷିକ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ 'ପରିନ୍ଦେ-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିଶୁ କଲ୍ୟାଣ ବିଭାଗ ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅଭୟ ଦ୍ୱିବେଦୀ ଓ ଖବରଦାତା ପ୍ରମୋଦ ରାୟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅବିନାଶ ରାଉତ, ଶ୍ରୀକାନ୍ତ ଓଝା, ବିପ୍ଳବ ମହାନ୍ତି ଓ ଶିଶିର ପାଢ଼ୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com
@କେଶବ
@ବବୁଲ
@ଶୁଭଶ୍ରୀ
ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବ୍ୟକ୍ତିତ୍ୱ ବିକାଶ ଶିବିର



ଅନ୍ତେବାସୀମାନଙ୍କ ଦ୍ୱାରା ଶାରୀରିକ କୌଶଳ ପ୍ରଦର୍ଶନ କରାଯାଉଛି।

ଖଇରା, ୫ା୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ବ୍ୟକ୍ତିତ୍ୱ ବିକାଶ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଅନ୍ତେବାସୀଙ୍କ ଦ୍ୱାରା ଯୋଗାସନ, ଗୀତାପାଠ, ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଆଶ୍ରମ ସଞ୍ଚାଳକ ସ୍ୱାମୀ ଗଣେଶା ନନ୍ଦ, ପ୍ରଶାନ୍ତ ବେହେରା, ଦିବ୍ୟପ୍ରକାଶ ପରିଡା, ଅଜୟ ପ୍ରଧାନ, ପ୍ରାଣବନ୍ଧୁ ପଣ୍ଡାଙ୍କ ଦ୍ୱାରା ବୌଦ୍ଧିକ ପ୍ରଦାନ କରାଯାଇଥିବା ବେଳେ ଧୌର୍ଯ୍ୟଧର ଦାସ, ତପନ ମାଝି, ହୃଷିକେଶ ବେହେରା ଓ ଜୟନ୍ତ ମଲ୍ଲିକଙ୍କ ଦ୍ୱାରା ଶାରିରୀକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଓଡିଶା ସାମ୍ବାଦିକ ୟୁନିୟନର ଜିଲା ସଭାପତି ଉଦଯାପନୀ ସଭାରେ ଯୋଗଦେଇ ଅନ୍ତେବାସୀଙ୍କୁ ଉତ୍ସାହିତ କରିଥିଲେ।

## ବିଶ୍ୱଶାନ୍ତି ଗୀତାଯଜ୍ଞ

**ପାଟଣା,୫ା୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ପୁରାତନ ସ୍ୱାମ ଶାସନ ସୋମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ସୁଶାନ୍ତ ଶେଖର ଦାଶ, ଲୋକନାଥ ମିଶ୍ର, ରାଜ ବଲ୍ଲଭ ମିଶ୍ର, ରବିନାରାୟଣ ଦାଶ, ଅମରେନ୍ଦ୍ର ମିଶ୍ର ଓ ବ୍ରହ୍ମାନନ୍ଦ ଶତପଥୀ ପୂଜା ଅର୍ଚ୍ଚନା ସହ ହୋମଯଜ୍ଞ କରିଥିଲେ। କର୍ତ୍ତା ବିରମୋହନ ଦ୍ୱିବେଦୀ ନୀତିକାନ୍ତିରେ ଦେବନୀତି ସମ୍ପାଦନ କରିଥିଲେ। ପୂଜା କାର୍ଯ୍ୟକୁ ଅଜିତ ଦାଶ ଓ ସୁମିତ ପତି ପ୍ରମୁଖ ପରିଚାଳନା କରିଥିଲେ।

# ଜନ୍ମଦିନରେ ଗଛ ଲଗାଇବାକୁ ଆହ୍ୱାନ

କୋଡ଼ପଡ଼ା,୫ା୫(ଡି.ଏନ୍.ଏ)

ଜନ୍ମଦିନରେ ଗଛ ଲଗାଇବା ସହ ସମସ୍ତେ ନିଜ ଜନ୍ମ ଦିନରେ ଗଛ ଲାଗାଇବାକୁ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଞ୍ଚଳର ୩ ବର୍ଷର ଶିଶୁ ପ୍ରିତୀପ୍ରଜ୍ଞା ଆହ୍ୱାନ କରିଛନ୍ତି। ଜନ୍ମଦିନ, ବିବାହ ବାର୍ଷିକ ଉତ୍ସବ, ଅନୁଷ୍ଠାନର ପ୍ରତିଷ୍ଠା ଦିବସ, ବ୍ରତଘର ଆଦି ବିଭିନ୍ନ ଉତ୍ସବରେ ଗଛ ଲଗାଅ ଏହାର ଯତ୍ନ ନେବାକୁ କହିଛନ୍ତି। ସେ ନିଜେ ଶୁକ୍ରବାର ତାଙ୍କ ଜନ୍ମ ଦିନରେ ଝାଡ଼େଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ଏକ ଗଛ ଲଗାଇବା ସହିତ ଶିଶୁଠାରୁ ବୃଦ୍ଧ ସମସ୍ତେ ପରିବେଶ ପାଇଁ ଗୋଟାଏ ଗଛ ଲଗାଇାବକୁ ନିବେଦନ କରିଥିଲେ। ଉତ୍ସବରେ ଅତିଥିଭାବେ ଝାଡ଼େଶ୍ୱର ମଠର ମହନ୍ତ ପ୍ରଫୁଲ୍ଲ ବାବା, ମନ୍ଦିର ପୂଜକ ସୁଦାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶ, ସୁମନ୍ତ ମହାପାତ୍ର, ଆରତୀ ମହାକୁଡ଼, ରତିକାନ୍ତ ସାହୁ, ଝାଡ଼େଶ୍ୱର ସାହୁ, ହେମନ୍ତ ମହାକୁଡ଼, ପ୍ରଭାତ ମହାକୁଡ଼, ଚରିଲି ବେହେରା ପ୍ରମୁଖ ଯୋଗଦେଇଥିଲେ। ନିରଞ୍ଜନ ସାହୁ, ପ୍ରତିକ୍ରିଷ୍ଣା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁ ପ୍ରୀତିପ୍ରଜ୍ଞାଙ୍କ ଜନ୍ମ ଦିନରେ ଚାରାରୋପଣ କରାଯାଉଛି।

# ସରିଲା ଦେବଦମ୍ପତିଙ୍କ ଲଗ୍ନଧରା

**ଶିବବିବାହ ପାଇଁ ଉତ୍ସବମୁଖର ଆଖଣ୍ଡଳମଣି ପୀଠ**

ଆରଡ଼ି, ୫ା୫ (ଡି.ଏନ.ଏ.)

ଆସନ୍ତା ୨୪ ତାରିଖରେ ଶୀତଳ ଷଷ୍ଠୀ। ଏହି ପବିତ୍ର ତିଥିରେ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଶିବବିବାହ ଉତ୍ସବ ଅନୁଷ୍ଠିତ ହେବ। ଦେବଦମ୍ପତିଙ୍କ ବିବାହ ପାଇଁ ପୀଠ ଏବେଠୁ ଉତ୍ସବମୁଖର ହୋଇଛି। ଶୁକ୍ରବାର ସମ୍ପୂର୍ଣ୍ଣ ଲୋକାଚାରରେ ଦେବଦମ୍ପତିଙ୍କ ଲଗ୍ନଧରା ସମ୍ପନ୍ନ ହୋଇଛି। ଯୋଡ଼ି ମହୁରୀ, ସାହାନାଇ, ଢୋଲ ବାଦ୍ୟର ତାଳେ ତାଳେ କୁଳ ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣ, ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ଜ୍ୟୋତିଷ କନ୍ୟାପିତା ମନୋରଞ୍ଜନ ପାଢ଼ୀଙ୍କ ଗୃହରେ ଲଗ୍ନ ଚିଟାଉ ଲେଖିଥିଲେ। ଚାନ୍ଦି ରେକାବୀରେ ଲଗ୍ନ ଚିଟାଉକୁ ରଖି ମଙ୍ଗଳ ପ୍ରତୀକ ଲାଲକପଡ଼ାରେ ବନ୍ଧାଯାଇଥିଲା। ପଞ୍ଚ ଦେବତାଙ୍କ ପୂଜା ଉପକରଣ, ଖଟୁଲି ଇତ୍ୟାଦି ସହ ପୁରୋହିତ, ଜ୍ୟୋତିଷ, ଭଣ୍ଡାରୀ ଓ ଶଙ୍ଖୁଆ ବରପିତା ପ୍ରମୋଦ ପାଢ଼ୀଙ୍କ ଗୃହକୁ ଆଗମନ କରିଥିଲେ।



ଶୋଭାଯାତ୍ରାରେ ଲଗ୍ନ ଚିଟାଉ ବରପିତାଙ୍କ ଗୃହକୁ ନିଆଯାଉଛି।

ସେବାୟତମାନେ ଏକ ବିରାଟ ଶୋଭାଯାତ୍ରାରେ ଲଗ୍ନ ଚିଟାଉକୁ ନେଇ ବରପିତାଙ୍କ ଗୃହରେ ପହଞ୍ଚାଇଥିଲେ। ବରପିତା ସମସ୍ତଙ୍କୁ ଅଭ୍ୟର୍ଥନା ଜଣାଇ ନିଜ ଗୃହକୁ ପାଛୋଟି ନେଇଥିଲେ। ସେଠାରେ ପୁରୋହିତଙ୍କ ସମେତ ସମସ୍ତ ସେବାୟତଙ୍କୁ ଭୁରି ଭୋଜନରେ ଆପ୍ୟାୟିତ କରାଇଥିଲେ। ପରେ ବିଧି ପୂର୍ବକ ଲଗ୍ନ ପଠନ କରାଯାଇଥିଲା। ଏହି ଲଗ୍ନ ମହୋତ୍ସବରେ ପୀଠରେ ଥିବା ସେବାୟତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଞ୍ଚଳର ଅଧିବାସୀ ସାମିଲ ହୋଇଥିଲେ। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ସହ ପରିଚାଳକ ସୁଧାକର ବିଶ୍ୱାଳ, ସେବାୟତ ଅଧ୍ୟାପକ ବିଜୟ ଦାଶ, ଭୀମସେନ ପାଢ଼ୀ, ଆଶିଷ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ଲଲାଟେନ୍ଦୁ ପାଢ଼ୀ, ମାନସ ପାଢ଼ୀ, ଆର୍ତ୍ତବନ୍ଧୁ ପାଢ଼ୀ, ଆରଡ଼ି ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ, ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ବିକି ଟଙ୍କା ପାଇନାହାନ୍ତି ଚାଷୀ

**ପ୍ରାପ୍ୟ ପାଇଁ ଥାନାର ଦ୍ୱାରସ୍ଥ**

ପାଟଣା,୫ା୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଭଅଁରପୁର ଗ୍ରାମର ଚାଷୀଙ୍କଠାରୁ ଲକ୍ଷାଧିକ ଟଙ୍କାର ଧାନ କିଣି ଜଣେ ବ୍ୟବସାୟୀ ଚାଷୀଙ୍କୁ ଟଙ୍କା ଦେଉ ନ ଥିବା ଅଭିଯୋଗ ହୋଇଛି। କଷ୍ଟ ଅର୍ଜିତ ପ୍ରାପ୍ୟ ପାଇଁ ଚାଷୀ ଗୁରୁବାର ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଚାଷୀ ମକର ଧ୍ୱଜ ମହାନ୍ତ ଓ ତିଲୋତ୍ତମା ମାହାନ୍ତଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ମଣ୍ଡୁଆ ଗ୍ରାମର ଜନୈକ ଧାନ ବ୍ୟବସାୟୀ ଗତ ମାର୍ଚ୍ଚରେ କୁଇଣ୍ଟାଲ ପିଛା ୨ ହଜାର ଟଙ୍କା ଦରରେ ମକରଧ୍ୱଜଙ୍କଠାରୁ ୧୬ କୁଇଣ୍ଟାଲ ୮୧ କିଗ୍ରା, ତିଲୋତ୍ତମାଙ୍କଠାରୁ୧୮ କୁଇଣ୍ଟାଲ, ଦୀନବନ୍ଧୁ ମହାନ୍ତଠାରୁ ୧୬ କୁଇଣ୍ଟାଲ ୯୦ କିଗ୍ରା, ପୂର୍ଣ୍ଣଚନ୍ଦ୍ର ମହାକୁଡ଼ଙ୍କଠାରୁ ୭ କୁଇଣ୍ଟାଲ ୫୦୦ କିଗ୍ରା, ତ୍ରିଲୋଚନ ମହାନ୍ତଙ୍କଠାରୁ ୧୦ କୁଇଣ୍ଟାଲ, କୃତ୍ତିବାସ ମହାନ୍ତଙ୍କ ୯ କୁଇଣ୍ଟାଲ ୫୦୦କିଗ୍ରା ଏବଂ ଗଦାଧର ମହାନ୍ତଙ୍କ ୭ କୁଇଣ୍ଟାଲ ୫୦୦ କିଗ୍ରା ଧାନ କିଣି ନେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଟଙ୍କା ଦେଉନାହାନ୍ତି। ଏ ନେଇ ଚାଷୀ ତାଙ୍କୁ ଫୋନ କଲେ ବିଭିନ୍ନ ଆଳ ଦେଖାଇ ଠକି ଚାଲିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଧାନ ବିକ୍ରି କରି ଚିକିତ୍ସିତ ହେବାକୁ ଯୋଜନା କରିଥିବା ମକରଧ୍ୱଜ ମାନସିକ ଚାପରେ ଥିବା କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକଙ୍କୁ ପଚାରିବାରୁ ସେମାନଙ୍କୁ ଡକାଯାଇ ତଦନ୍ତ କଲେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି କହିଛନ୍ତି।

